## ସଂକ୍ଷେପରେ

### ବାଇକ୍ ସହ ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ, ୧।୩(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ସଲାଗୁଡା ପଞ୍ଚାୟତ କାତ୍ରାମାଲା ଠାରେ ପୋଲିସ ଚଢ଼ାଉ କରି ଏକ ବାଇକ ସହ ୨ ବସ୍ତା ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତ ବାଇକ ଚାଳକଙ୍କୁ ଗିରଫ କରାଯାଇଛି। ସେ ହେଲେ ବୌଦ୍ଧ ଥାନା ଗୁଡୁବାହାଲି ଗ୍ରାମର ଉଦ୍ଧବ ମହାନନ୍ଦିଆ(୨୮)। ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ବାଇକରେ ଗଞ୍ଜେଇ କନ୍ଧମାଳ ଦେଇ ବୌଦ୍ଧକୁ ଚାଲାଣ ହେଉଥିବା ସମ୍ପର୍କରେ ପୋଲିସକୁ ଖବର ମିଳିଥିଲା। ସେହିଅନୁସାରେ ପୋଲିସ କାତ୍ରାମାଲାଠାରେ ସଜାଗ ରହିଥିଲା । ଉଦ୍ଧବ ବାଇକରେ ବସ୍ତା ଲଦି ଆସୁଥିବା ଦେଖି ତାଙ୍କୁ ଅଟକାଇ ଯାଞ୍ଚ କଲା ବେଳେ ବସ୍ତାରୁ ୫୦ କେଜି ଗଞ୍ଜେଇ ମିଳିଥିଲା। ନେଇ ୩୩/୨୬ରେ ମାମଲା ରୁଜୁ ହୋଇଛି ବୋଲି ଥାନାଧିକାରୀ ସଞ୍ଜିତ କୁମାର ବେହେରା ସୂଚନା ଦେଇଛନ୍ତି।

### ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଖଜୁରୀପଡ଼ା, ୧।୩ (ବିଦୁର ବେହେରା)

ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦଳପଡା ଠାରେ ଚାଲିଥିବା ୨୪ପ୍ରହର ନାମଯଜ୍ଞ ରବିବାର ଉଦଯାପିତ ହୋଇଛି। ଉଦଯାପନୀ ଦିବସରେ ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ପୌରାଣିକ ନାଟକ 'ମହିରାବଣ ବଧ' ମଞ୍ଚସ୍ଥ କରାଯାଇଛି। ପଞ୍ଚାୟତସ୍ତରୀୟ ଏହି ନାମଯଜ୍ଞରେ ପ୍ରତ୍ୟେକ ୱାର୍ଡରେ ଜନସାଧାରଣ ସହଯୋଗ କରିଥିଲେ। ବୁଧବାର କଳସ ଯାତ୍ରା ହୋଇଥିବା ବେଳେ ଗୁରୁବାରଠାରୁ ରିବାର ପର୍ଯ୍ୟନ୍ତ ଅଖଣ୍ଡ ନାମ ସଂକୀର୍ତ୍ତନ ଚାଲିଥିଲା। ବହୁ ସଂଖ୍ୟାରେ ଭକ୍ତ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ସରପଞ୍ଚଙ୍କ ନେତୃତ୍ୱରେ ଏହି ୨୪ ପ୍ରହର ନାମ ଯଜ୍ଞ ହୋଇଥିଲା।

### ପ୍ରକାଶ ଚନ୍ଦ୍ର ପାଢ଼ୀଙ୍କ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି, ୧।୩ (ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିସ୍ଥିତ ଉତ୍କଳ ହିତୈଷିଣୀ ସମାଜ ଓ ପ୍ରକାଶ ଚନ୍ଦ୍ର ପାଢୀ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ଗଜପତିର ଦିବଙ୍ଗତ ସାମ୍ବାଦିକ, ସମାଜିକ କର୍ମୀ, ସ୍ତମ୍ଭକାର ତଥା ସାହିତ୍ୟିକ ପ୍ରକାଶ ଚନ୍ଦ୍ର ପାଢୀଙ୍କ ୯୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଗଜପତି ଶାଖାର ସଭାପତି ଭାରତ ଭୂଷଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପାନ୍ତ ପ୍ରହରୀ ପୂର୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଆଶାଲତା ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଚିତ୍ରାନନ୍ଦ ବେବର୍ତ୍ତା ଏବଂ ଆବାହକ ବିକାଶ ଚନ୍ଦ୍ର ପାଢ଼ୀ ଯୋଗ ଦେଇ ବହୁମୁଖି ପ୍ରତିଭା ଥିବା ସ୍ୱର୍ଗତ ପାଢୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ବର୍ଷ ଏହି ଦିନ ପ୍ରକାଶଙ୍କ ଜନ୍ମ ଶତବାର୍ଷିକୀ ଆଡ଼ମ୍ବରରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ସ୍ମରଣିକା ପ୍ରକାଶ କରାଯିବା ସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ କରାଯିବ। ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଗାୟତ୍ରୀ ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ, ସ୍ନେହା ବେହେରା ଅତିଥି ପରିଚୟ ପ୍ରଦାନ ଓ ପ୍ରିୟା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଡି.ପ୍ରିୟଙ୍କାଙ୍କ ନିର୍ଦ୍ଦେଶିତ ଓଡ଼ିଶୀ ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା।

### ପଣ୍ଡିତ ରଜନୀକାନ୍ତ ତ୍ରିପାଠୀ ସମ୍ମାନିତ

ଶେରଗଡ଼, ୧।୩ (ସୂର୍ଯ୍ୟ ନାରାୟଣ ଦାଶ)

ପୁରୀସ୍ଥିତ ସଂସ୍କୃତି ଭବନ ପରିସରରେ ଶନିବାର ଆୟୋଜିତ ଶ୍ରୀକୃଷ୍ଣ ଚେତନା ଶ୍ରୀ ଜଗନ୍ନାଥ ଆଲୋଚନା ଚକ୍ରରେ ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପକ୍ଷରୁ ପଣ୍ଡିତ ,ଲେଖକ, କର୍ମକାଣ୍ଡ ଲେଖକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ବରିଷ୍ଠ ପଣ୍ଡିତ, କର୍ମକାଣ୍ଡ ଲେଖକ ତଥା ସାମବେଦ ସରଣୀ ଲେଖି ଚର୍ଚ୍ଚାରେ ରହିଥିବା ଶେରଗଡ଼ର ହରିକୃଷ୍ଣପୁର ଗ୍ରାମର ପଣ୍ଡିତ ରଜନୀକାନ୍ତ ତ୍ରିପାଠୀଙ୍କୁ କର୍ମକାଣ୍ଡ ବିଦ୍ୟାଭୂଷଣ ସମ୍ମାନରେ ସମ୍ମାନିତ କରାଯିବା ସହ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ନ୍ୟାୟମୂର୍ତ୍ତି ଅନଙ୍ଗ କୁମାର ପଟ୍ଟନାୟକ, ସତ୍ୟବାଦୀସ୍ଥିତ ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳପତି ଶତ୍ରୁଘ୍ନ ପାଣିଗ୍ରାହୀ, କେନ୍ଦ୍ରୀୟ ଯୁଗ୍ମ କମିଶନର(ଜିଏସ୍‌ଟି) ପ୍ରଦିପ କୁମାର ସୁବୁଦ୍ଧିରାୟ, ମାନସ ରଞ୍ଜନ ମିଶ୍ର ଉପସ୍ଥିତ ରହି ପଣ୍ଡିତ ତ୍ରିପାଠୀଙ୍କୁ ସମ୍ମାନିତ କରିଥିଲେ। ତ୍ରିପାଠୀ ଜଣେ କର୍ମକାଣ୍ଡ ବିଶାରଦ,ଜଣେ ପୁରାଣ ପୋଥିର ଲେଖକ ରୂପେ ଜଣାଶୁଣା। ଶିକ୍ଷକ ଅଶୋକ ତ୍ରିପାଠୀ, ହରି କୃଷ୍ଣପୁରର ଟ୍ରଷ୍ଟି ବିପ୍ରଚରଣ ମିଶ୍ର, ଶଙ୍କର ପ୍ରସାଦ ଦାଶ,ମନୋଜ ମିଶ୍ରଙ୍କ ସମେତ ଗ୍ରାମବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୩ ମାସରେ ୨୭,୧୫୩ କିଶୋରୀଙ୍କୁ ଦିଆଯିବା ଲକ୍ଷ୍ୟ

## ଗଞ୍ଜାମ ଜିଲାରେ ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ

ଛତ୍ରପୁର, ୧।୩(ଦିଲ୍ଲୀପ ସାମଲ)


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀମାନେ।

ଗଞ୍ଜାମ ଜିଲା ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଜିଲାସ୍ତରୀୟ ଏଚ୍‌ପିଭି( ହ୍ୟୁମାନ୍ ପାପିଲୋମା ଭାଇରସ୍) ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜରାୟୁ କର୍କଟ ପ୍ରତିହତ କରିବା ପାଇଁ କିଶୋରୀମାନଙ୍କୁ ଏହି ଟିକା ଦିଆଯିବ। ଭବିଷ୍ୟତ ପିଢି କିଶୋରୀ ବାଳିକାମାନଙ୍କର ସୁସ୍ୱାସ୍ଥ୍ୟକୁ ନିଶ୍ଚିତ କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଶୁଭାରମ୍ଭ କରିବା ସହ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ଏବେ ଏହି ଟିକା ମାଗଣାରେ ୧୪ ବର୍ଷରୁ ଅଧିକ ଏବଂ ୧୫ ବର୍ଷରୁ କମ କିଶୋରୀ ବାଳିକାମାନଙ୍କ ପାଇଁ ଉପଲବ୍ଧ କରାଯାଇଛି। ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ମାର୍ଚ୍ଚ ୧ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁ ରହିବ। ଗଞ୍ଜାମ ଜିଲାରେ ୨୭,୧୫୩ ଜଣ କିଶୋରୀ ବାଳିକାମାନଙ୍କୁ ଏହି ଟିକା ଦିଆଯିବା ନେଇ ଲକ୍ଷ୍ୟ ରହିଛି। ଏହି ଟିକାକରଣ ବାଳିକାଙ୍କ ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଟିକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଦିଆଯିବା ବ୍ୟବସ୍ଥା ହୋଇଛି। ପରବର୍ତ୍ତୀ ସମୟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ପ୍ରଦାନ କରାଯିବ। ପ୍ରଥମ ଦିନ ବହୁ କିଶୋରୀ ବାଳିକା ଏହି ଟିକା ନେଇଥିବା ବେଳେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଇ ନ ଥିବା କହିଥିଲେ। ଟିକା ନେଉଥିବା କିଶୋରୀମାନଙ୍କୁ ମେଡିକାଲ ପକ୍ଷରୁ ଟିକାକରଣ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ମେଡିକାଲରେ ପଞ୍ଜୀକରଣ କକ୍ଷ ଓ ଟିକା ନେବା ପରେ ବିଶ୍ରାମ କକ୍ଷରେ ବସିବା ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ଦିନ ଛତ୍ରପୁର ମେଡିକାଲରେ ୨୦ ଜଣ କିଶୋରୀ ଟିକା ନେଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

କାର୍ଯ୍ୟକ୍ରମରେ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା.ସନ୍ତୋଷ କୁମାର ପାଢୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ଭବାନୀ ଶଙ୍କର ମିଶ୍ର, ଡିପିଏଚଓ ଡା. ବାଲୁଙ୍କେଶ୍ୱର ଷଡଙ୍ଗୀ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡା. ଅଲେଖ ପ୍ରଧାନ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ବ୍ଲକ ଉପଧକ୍ଷା ଏସ. ସାରଦା ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଡିପିଏମ ବୁଲୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମେଡିକାଲର ସମସ୍ତ ଡାକ୍ତର, ନର୍ସ, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ରୋଗୀ କଲ୍ୟାଣ ସମିତିର ସଭ୍ୟମାନେ ଉପସ୍ଥିତ ଥିଲେ।

# ଭାଉଜଙ୍କୁ ବଳାତ୍କାର ଘଟଣାରେ ସମ୍ପର୍କୀୟ ଦିଅର ଗିରଫ

ଗୋପାଳପୁର, ୧।୩ (ନବୀନ ରାଜ ଆଚାରୀ)

ସୁନାପୁର ସାମୁଦ୍ରିକ ଥାନା ଅଧିନସ୍ଥ ଏକ ଗ୍ରାମରେ ମହିଳାଙ୍କୁ ଜୋର ଜବରଦସ୍ତ ବଳାତ୍କାର କରିବା ଅଭିଯୋଗରେ ରବିବାର ସନ୍ଧ୍ୟାରେ ବଳାତ୍କାରୀ ସମ୍ପର୍କୀୟ ଦିଅରକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ହରି ସେଠୀ(୧୯)। ସୂଚନାନୁସାରେ, ସୁନାପୁରା ସାମୁଦ୍ରିକ ଥାନା ଅଧିନସ୍ଥ ଏକ ଗ୍ରାମରେ ହରିଙ୍କ ଘରେ ସମ୍ପର୍କୀୟ ଭାଉଜ ରହୁଥିଲେ। ଗତ ୨ ତାରିଖରେ ଘରେ କେହି ନ ଥିବାର ସୁଯୋଗ ନେଇ ହରି ଭାଉଜଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣା କାହାକୁ ନ କହିବା ପାଇଁ ସେ ଧମକ ଦେଇଥିଲେ। ଶେଷରେ ବାହାର ରାଜ୍ୟରେ ରହୁଥିବା ସ୍ୱାମୀଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ କହିଥିଲେ। ଗତ ଶନିବାର ସାମୁଦ୍ରିକ ଥାନାରେ ମହିଳା ଜଣକ ଅଭିଯୋଗ କରିଥିଲେ। ଏନେଇ ଥାନା କେଶ୍ ନଂ. ୭/୨୬ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ଘରେ ଥିବା ଖବର ପାଇ ପୋଲିସ ହରିଙ୍କୁ ଉଠେଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଡାକ୍ତରି ମଇନା କରିବା ପରେ ପୋଲିସ ସନ୍ଧ୍ୟାରେ ହରିକୁ କୋର୍ଟ ଚାଲାଣ କରିଛି। ଅନ୍ୟପଟେ ମହିଳାଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରି ମଇନା କରିଥିବା ବେଳେ ସୋମବାର ବିଚାରପତିଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ପଦ୍ମପୁରରେ ଗ୍ରାମଦେବତୀ ମନ୍ଦିର ପ୍ରତିଷ୍ଠା



ଧରାକୋଟ, ୧।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ଅନ୍ତର୍ଗତ ପଦ୍ମପୁରରେ ଗ୍ରାମ ଦେବତୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ବୁଧବାରଠାରୁ ୫ଦିନ ଧରି ହୋଇଥିବା ଏହି ପ୍ରତିଷ୍ଠା ଉତ୍ସବରେ ଦୀକ୍ଷାଗ୍ରହଣ,ଜଳଯାତ୍ରା, ମଣ୍ଡଳାଧିକରଣ, ଅଙ୍କୁରାରୋପଣ, ବନଜାଗ, ରତ୍ନମୁଦ, ନାମଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ, ଗୋଯଜ୍ଞ, ସାଲା ସଂସ୍କାର, ସୂର୍ଯ୍ୟପୂଜା, ମହାସ୍ନାନ, ଜୀବନ୍ୟାସ ଓ ପ୍ରାଣ ପ୍ରତିଷ୍ଠା ପରେ ବ୍ରାହ୍ମଣ ଓ ପଣ୍ଡିତମାନଙ୍କ ଦ୍ୱାରା ଭଗବତୀଙ୍କ ସିଂହାସନ ଆରୋହଣ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଓ ଶେଷ ଦିନ ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ ଯୋଗଦେଇ ପୂର୍ଣ୍ଣାହୂତି ଦେଇଥିଲେ। ପଦ୍ମପୁର ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ଖୁବ୍‌ଶୀଘ୍ର ଖୋଲିବ ଆମିଷ ବଜାର

ଫୁଲବାଣୀ, ୧।୩(ରାକେଶ କୁମାର ରାଉତ)


ଆମିଷ ବଜାର ପାଇଁ ନିର୍ମିତ ଘର।

ଫୁଲବାଣୀ ସହର ଏଫ୍‌ସିଆ ଛକ ପାଖରେ ଦୀର୍ଘ ଦିନ ଧରି ନିର୍ମାଣ ହୋଇଥିବା ଆମିଷ ବଜାର କାମରେ ଆସୁନି। ନିର୍ମାଣକୁ ୩ ବର୍ଷ ବିତିଥିଲେ ମଧ ବଜାର ଖୋଲୁନି। ହେଲେ ଏସବୁର ଅନ୍ତ ଘଟି ନିର୍ଦ୍ଦିଷ୍ଟ ସ୍ଥାନରେ ଆମିଷ ବଜାର ଖୋଲିବ। ଅନ୍ୟ ସ୍ଥାନରେ ଆମିଷ ମିଳିବ ନାହିଁ। ସହରର ବିଭିନ୍ନ ସ୍ଥାନରେ ମାଛ ମାଂସ ବିକ୍ରିକୁ ବନ୍ଦ କରି ଗୋଟିଏ ସ୍ଥାନରେ ଆମିଷ ଦ୍ରବ୍ୟ ବିକ୍ରି ପାଇଁ ପୌର ପରିଷଦ ପକ୍ଷରୁ ନିଷ୍ପତି ହେବା ସହ ଉକ୍ତ ସ୍ଥାନରେ ଆମିଷ ବଜାର ନିର୍ମାଣ ହୋଇଥିଲା । ୨୦୨୨ ସ୍ୱାୟତ ଶାସନ ଦିସବରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ପ୍ରାୟ ଦେଢ଼ କୋଟିଟଙ୍କାରେ ଏହା ନିର୍ମାଣ ହୋଇଥିଲା। ବିଭିନ୍ନ କାରଣ ଦେଖାଇ ସେଠାକୁ ଆମିଷ ବିକ୍ରି କରୁଥିବା ବ୍ୟବସାୟୀ ଗଲେ ନାହିଁ। ଏହା ବ୍ୟବହାର ନ ହେବାକୁ ଧିରେଧିରେ ସେଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମିବାରେ ଲାଗିଲା। ଅନ୍ୟପକ୍ଷେ ଏଜେଓ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆକୁ ଆମିଷ ବ୍ୟବସାୟୀ କବଜା କରି ରହିଛନ୍ତି। ଧିରେ ଧିରେ ପଡ଼ିଆ ଅବସ୍ଥା ଖରାପ ହେବା ସହ ପୁତି ଗନ୍ଧ ମୟ ପରିବଶେ ସୃଷ୍ଟି ହୋଇଛି । ଖେଳିବା ପାଇଁ ଅନୁପଯୋଗୀ ହୋଇପଡ଼ିଛି । ଦୀର୍ଘ ୩ ବର୍ଷ ପରେ ପୌର ପ୍ରଶାସନର ନଜର ଏଠାରେ ପଡିଛି । ପୌର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତିଙ୍କ ସୂଚନା ଅନୁସାରେ ଏହି ଆମିଷ ବଜାରର ମୁଖ୍ୟ ସମସ୍ୟା ଥିଲା ପାନୀୟ ଜଳ। ଏହାର ସମାଧାନ ପାଇଁ ଏବେ ବୋରିଂ ଖୋଳା ଯାଇଛି । ବ୍ୟବସାୟୀଙ୍କ ପାଇଁ ଗୋଦାମ ଘର ବ୍ୟବସ୍ଥା କରାଯାଉଛି। ଭାଙ୍ଗିରୁଜି ଯାଇଥିବା ଘରର ମରାମତି କରାଯାଇଛି। ଖୁବ୍‌ଶୀଘ୍ର ଏଠାରେ ସମସ୍ତ ଆମିଷ ବ୍ୟବସାୟୀ ଆସି ବ୍ୟବସାୟ କରିବେ। ଏହାପରେ କୌଣସି ବ୍ୟକ୍ତି ସହରର ଅନ୍ୟ କୌଣସି ସ୍ଥାନରେ ଆମିଷ ବିକ୍ରି କଲେ ଜରିମାନା ଦେବାକୁ ପଡିବ।

## ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଦିଗପହଣ୍ଡି, ୧।୩ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି–ଘୋଡ଼ାହାଡ଼ ଡ୍ୟାମ ମୁଖ୍ୟରାସ୍ତାର ଚକାଡେନ୍ତୁଳି ଗ୍ରାମ ନିକଟରେ ରବିବାର ଅପରାହ୍ନରେ ଘଟିଥିବା ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ବ୍ଲକ୍ ଖମାରି ଗାଁ ପଞ୍ଚାୟତ ବାରିତଳା ଗ୍ରାମର ଶ୍ରୀଧର ମହାନ୍ତି(୨୯)। ଶ୍ରୀଧର ବାଇକ (ନଂ. ଓଡ଼ି୦୭ ବିଡି– ୨୬୫୬) ଯୋଗେ ଗାଁରୁ ଦିଗପହଣ୍ଡି ଅଭିମୁଖେ ଆସୁଥିବା ବେଳେ ଏକ ପିକଅପ୍ ଭ୍ୟାନକୁ ଓଭର ଟେକ୍ କରିବା ସମୟରେ ଭାରସାମ୍ୟ ହରାଇ ରାସ୍ତାକଡ଼ ଗାର୍ଡୱାଲକୁ ଧକ୍କା ଦେଇ କଚାଡି ହୋଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ। ଖବର ପାଇ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଦିଗପହଣ୍ଡି ଥାନାକୁ ସୂଚନା ଦେଇଥିଲେ।

# ଦଣ୍ଡଯାତ୍ରା ପାଇଁ ନାଟକବହି ପୂଜା

କି.ଉଦୟଗିରି, ୧।୩ (ଚିନ୍ମୟ କୁମାର ସେଠୀ)

ଜି. ଉଦୟଗିରି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ରୁଦ୍ରକାଳୀଙ୍କ ପ୍ରସିଦ୍ଧ ଦଣ୍ଡଯାତ୍ରା ଆସନ୍ତା ଏପ୍ରିଲ ୧ରୁ ୧୩ ଦିନ ଧରି ଅନୁଷ୍ଠିତ ହେବ। ଚଳିତ ବର୍ଷ ଯାତ୍ରା ସମୟରେ ସ୍ଥାନୀୟ ରୁଦ୍ରକାଳୀ ନାଟ୍ୟ ସଂଘ ତରଫରୁ ନବୀନ କୁମାର ମହାପାତ୍ରଙ୍କ ରଚିତ ସାମାଜିକ ନାଟକ 'ମଣିଷ ଖୋଜୁଛି ଜରାନିବାସ' ମଞ୍ଚସ୍ଥ ହେବ। ନାଟ୍ୟ ସଂଘ ତରଫରୁ ନାଟକ ବହି ପୂଜା ହୋଇଛି। ରବିବାରଠାରୁ ଆଖଡ଼ାଶାଳ ଠାରେ ରିଅଲସଲ ଆରମ୍ଭ ହୋଇଯାଇଛି। ସ୍ଥାନୀୟ କାଳୀ ମନ୍ଦିର ଠାରେ ଦଣ୍ଡ ଥଳ ଅଧିକାରୀ ଜବାଲାଲ ପରିଚ୍ଛା, ପାଟଭୁକ୍ତା ଶରଣ ପଞ୍ଚାର ମାଝୀ, ନାଟ୍ୟ ନିର୍ଦ୍ଦେଶକ କାଳୁଚରଣ ପଣ୍ଡା, ସମୀର କୁମାର ପାଢ଼ୀ, ମ୍ୟାନେଜର ମଳୟ ମହାନ୍ତି, ବରିଷ୍ଠ କଳାକାର ସୁଦର୍ଶନ ନାୟକ, ବ୍ରହ୍ମାନନ୍ଦ ନାୟକ ତଥା ସମସ୍ତ କଳାକାରମାନଙ୍କ ଉପସ୍ଥିତିରେ ନାଟକ ବହି ପୁରୋହିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟଙ୍କ ଦ୍ୱାରା ପୂଜା କରାଯାଇଥିଲା। ଆସନ୍ତା ଏପ୍ରିଲ ୨ରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରତ୍ୟେକ ରାତିରେ ଏହି ନାଟକ ମଞ୍ଚସ୍ଥ ହୋଇ ମେରୁଯାତ୍ରା ଦିନ ସରିବ ବୋଲି ପରିଚାଳକ ମଳୟ ମହାନ୍ତି ସୂଚନା ଦେଇଛନ୍ତି।


ନାଟକ ପାଇଁ ବହି ପୂଜା ଚାଲିଛି।

# ରାସ୍ତାରେ ହୋର୍ଡିଂ, ବାଇକ୍ ରଖିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଗଞ୍ଜାମ, ୧।୩ (ବିଦ୍ୟାଧର ସାହୁ)


ଦୋକାନୀଙ୍କୁ ତାଗିଦ କରୁଛି ପୋଲିସ

ଦୋଳ ଯାତ୍ରା ପାଇଁ ଗଞ୍ଜାମ ସହରରେ ଚଳଚଞ୍ଚଳ ହୋଇ ଉଠିଛି। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବୈଠକ ସହ ବଜାର ସାରା ପଇଁତରା ଦିଆଯାଉଛି। ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼ାଇଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ସୁମିତ୍ରା ପାତ୍ର, ଭାରପ୍ରାପ୍ତ ଆଇଆଇସି ଶୁଭଲକ୍ଷ୍ମୀ କଅଁର, ଏସଆଇ ଅନିରୁଦ୍ଧ ସ୍ୱାଇଁ, ଏଏସଆଇ ସୁଦୀପ୍ତ ସାହୁ, ମହିଳା ଏଏସଆଇ ସୁପ୍ରଭା ସାହୁ ସଦଳେବଳେ ତ୍ରିବେଣୀ ମଠ ଛକ ଠାରୁ ବଡ଼ ବଜାର, ସାନବଜାରରେ ପହଞ୍ଚି ରୋଡ଼ ଉପରେ ହୋର୍ଡିଂ ଓ ଦୋକାନ ସାମଗ୍ରୀ ରଖିଥିବା କିଛି ଦୋକାନୀଙ୍କୁ ତାଗିଦ କରିଥିଲେ। ଏଥିସହ ରୋଡ଼ ଉପରେ ବାଇକ ରଖିଥିବା ଆରୋହୀଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପରେ ବିଭିନ୍ନ ସାହିକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରକାଶ ଯୋଗ୍ୟ ବିଳମ୍ବିତ ରାତିରେ ସମସ୍ତ ସାହି ଠାକୁର ନିଜ ନିଜ ସାହିରେ ଦୋଳ ବିମାନରେ ବିରାଜ ମାନ କରି ଶୋଭାଯାତ୍ରାରେ ବାହାରିଥିବା ଠାକୁରଙ୍କୁ ଭୋଗ ଲଗାଯିବ। ରବିବାର ସାହି ଯାତ୍ରା ଅନୁଷ୍ଠିତ ହୋଇଥିଲା।

## ରାଜନୀତି ବିଜ୍ଞାନ ବିଭାଗ ତରଫରୁ ପାଠଚକ୍ର

ବାଲିଗୁଡ଼ା, ୧।୩ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ତରଫରୁ ଏକ ପାଠଚକ୍ର ଅଧକ୍ଷ ଡ.ବିଭୂତି ଭୂଷଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପାଠଚକ୍ରର ବିଷୟ ବସ୍ତୁ ଥିଲା ପରବର୍ତ୍ତୀ ବିଶ୍ୱ ରାଜନୀତି ଓ ଏହାର ପ୍ରଭାବ ଭାରତ ବୈଦେଶିକ ନୀତି ଉପରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ.ସୁଶାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ରାଜନୀତି ବିଜ୍ଞାନ ବିଭାଗ ତୃତୀୟ ବର୍ଷ ଛାତ୍ର ତରୁଣ ମଲିକ ଓ ବିକ୍ରମ ମଲିକ ସନ୍ଦର୍ଭ ପାଠ କରିଥିଲେ। ବିଭାଗୀୟ ଅଧ୍ୟାପିକା ଆଲିପାମା ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

# ବିଭୂତି ଭୂଷଣ ବେବର୍ତ୍ତା ଆସିକା ବିଜ୍ଞାନ କଲେଜ ନୂଆ ଅଧକ୍ଷ

ଆସିକା, ୧।୩ (ସୁରେନ୍ଦ୍ର ନାଥ ସାହୁ)


ଅଧକ୍ଷ ଡ. ବିଭୂତି ଭୂଷଣ ବେବର୍ତ୍ତା।

ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗୀୟ ମୁଖ୍ୟ ଏବଂ ପ୍ରଶାସନିକ ଅଧିକାରୀ ପ୍ରଫେସର ବିଭୂତି ଭୂଷଣ ବେବର୍ତ୍ତା ରବିବାରଠାରୁ ଏହି ମହାବିଦ୍ୟାଳୟର ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ଏଠାରେ ଥିବା ଅଧକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀ ଅବସର ଗ୍ରହଣ କରିବା ପରେ ବେବର୍ତ୍ତା ଏହି ଦାୟିତ୍ୱ ନେଇଛନ୍ତି । ୧୯୯୨ରୁ ବାଲିପଦର ଆଞ୍ଚଳିକ ମହାବିଦ୍ୟାଳୟରୁ ଅଧ୍ୟାପନା କାର୍ଯ୍ୟ ଆରମ୍ଭ କରିଥିବା ବେବର୍ତ୍ତା ଗତ ଜୁନରୁ ଆସିକା ମହାବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି । ସ୍ୱଳ୍ପ କାଳିନ ଅବଧି ମଧ୍ୟରେ ପ୍ରଶାସନିକ କ୍ଷେତ୍ରରେ ଅଗ୍ରଣି ଭୂମିକା ନିର୍ବାହ କରି ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କ ସେ ଅତି ଆପଣାର ହୋଇପାରିଛନ୍ତି। ଧରାକୋଟ ବ୍ଲକ ଜାହାଡା ଗ୍ରାମର ମୂଳ ବାସିନ୍ଦା ବେବର୍ତ୍ତା ଜାହାଡା ହାଇସ୍କୁଲରୁ ମାଟ୍ରିକ ପାସ ପରେ ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ୨ କଳା ଓ ବ୍ରହ୍ମପୁରସ୍ଥିତ ଖଲିକୋଟ କଲେଜ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏକଦା ଆସିକା ମହାବିଦ୍ୟାଳୟରେ ଛାତ୍ର ଥିବା ବେବର୍ତ୍ତାଙ୍କୁ ଅଧକ୍ଷ ଦାୟିତ୍ୱ ମିଳିବା ପରେ ସେ ମହାବିଦ୍ୟାଳୟର ସାମଗ୍ରିକ ବିକାଶରେ ପାଇଁ ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଛନ୍ତି । ବେବର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଅନ୍ୟଅପକ୍ଷରେ ଶନିବାର ମହାବିଦ୍ୟାଳୟରେ ବିଦାୟୀ ଅଧକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଶାସନିକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ନୂତନ ଅଧକ୍ଷ ପ୍ରଫେସର ବେବର୍ତ୍ତା ପ୍ରମୁଖ ବିଦାୟୀ ଅଧକ୍ଷଙ୍କ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

# ଶୌଚ ପାଇଁ ଜଙ୍ଗଲରେ ବୁଲୁଛନ୍ତି ଛାତ୍ରୀଛାତ୍ର

ଦାରିଙ୍ଗବାଡ଼ି, ୧।୩ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ୍ ଦନେକବାଡ଼ି ପଞ୍ଚାୟତ ବିରାଗାଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପୁରୁଣା କୋଠାରେ ଏକ ଛାତ୍ରାବାସ ଚାଲିଛି। ଏହାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସରକାରଙ୍କ ଠାରୁ ଅନୁଦାନ ଆଣି ଚଳାଇଥିବା କହୁଥିବା ବେଳେ ଏହି ଛାତ୍ରାବାସ ଚାଲିଥିବା ସମ୍ପର୍କରେ ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ୍ ଜାଲି କହିଛନ୍ତି ଏଭଳି କୌଣସି ଛାତ୍ରାବାସ ଦନେକବାଡ଼ି ଅଞ୍ଚଳରେ ଚାଲିଥିବା ତାଙ୍କ ନିକଟରେ ସୂଚନା ନାହିଁ । ସେ ଏହା ମଧ୍ୟ କହିଛନ୍ତି ଯେ, ବିଦ୍ୟାଳୟ କର୍ତ୍ତୃପକ୍ଷ ଜିଲା ଶିକ୍ଷା ଅଧିକାରୀଙ୍କ ଠାରୁ ଅନୁମତି ନେଇ ଚଳାଇଥାଇ ପାରନ୍ତି। ପ୍ରକାଶ ଯେ, ଦୁର୍ଗମ ଅଞ୍ଚଳରେ ଏହି ଛାତ୍ରାବାସ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ପାଣି ଓ ଶୌଚାଳୟର ଅଭାବ ଯୋଗୁ ଛାତ୍ରାବାସରେ ରହିଥିବା ୯୦ଛାତ୍ର ୧ କି.ମି ଦୂର ଜଙ୍ଗଲରେ ବୋହିଯାଉଥିବା ନଦୀ ଓ ତା ନିକଟରେ ରହିଥିବା ଚୁଆ ଓ ପୋଖରୀକୁ ଶୌଚ ପାଇଁ ଯାଉଛନ୍ତି। ରବିବାର ଛୁଟି ରହିଥିବାରୁ ଛାତ୍ରମାନେ ଜଙ୍ଗଲରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଏନେଇ ଛାତ୍ରମାନେ କହିଛନ୍ତି ଯେ, ଛାତ୍ରାବାସରେ ମାତ୍ର ୨ ଟି ଶୌଚାଳୟ ରହିଥିବା ଯୋଗୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଆମେ ବାଧ ହୋଇ ଜଙ୍ଗଲକୁ ଯାଉଛୁ। ସେହିପରି ଛାତ୍ରାବାସରେ ଛାତ୍ରମାନେ ଏଣେ ତେଣେ ବୁଲି ମଧ୍ୟାହ୍ନ ଭୋଜନ ଖାଉଥିବା ବେଳେ କୁକୁର, କୁକୁଡ଼ା, ଗାଈ, ବଳଦ, ଛେଳି ବିଚରଣ କରୁଛନ୍ତି। ଛାତ୍ରଙ୍କୁ ଅତ୍ୟନ୍ତ ଦୂଷିତ ପରିବେଶରେ ଖାଦ୍ୟ ଗ୍ରହଣ ସହ ରାତ୍ରିଯାପନ କରିବାକୁ ପଡୁଛି। ଉକ୍ତ ବିଦ୍ୟାଳୟରେ ସରକାର କେବଳ ବିଦ୍ୟାଳୟ ଖୋଲିଥିବା ବେଳେ ସେଠାରେ କୌଣସି ହଷ୍ଟେଲ ଖୋଲିନାହାନ୍ତି। ତେବେ ସେଠାରେ କୌଣସି ମୌଳିକ ସୁବିଧା ନ ଥାଇ ଛାତ୍ରାବାସ ଚଳାଇବାକୁ କିଭଳି ଅନୁମତି ଦିଆଯାଉଛି ସେ ସମ୍ପର୍କରେ କାହାରି ନିକଟରେ ସୂଚନା ନାହିଁ।

ଏନେଇ ହଷ୍ଟେଲ ଦାୟିତ୍ୱରେ ସହକାରୀ ଶିକ୍ଷକ ବ୍ରଜ କିଶୋର ସିଂ କହିଛନ୍ତି ଯେ, ଉକ୍ତ ଛାତ୍ରାବାସ ପାଇଁ ସରକାର ବର୍ଷକୁ ଥରେ ଅନୁଦାନ ଦେଉଛନ୍ତି। ଉକ୍ତ ଅନୁଦାନରେ ହଷ୍ଟେଲ ଚଲାଇବା ସହ ରକ୍ଷଣବେକ୍ଷଣ କରାଯାଉଛି। ସେହିପରି ଛାତ୍ରାବାସରେ ଥିବା ପାଣି ପମ୍ପଟି ଅଚଳ ହୋଇଯାଇଛି। ତେଣୁ ଛାତ୍ରମାନେ ଆଜି ହିଁ ବାହାରକୁ ଶୌଚ ପାଇଁ ଯାଇଥିବା ସେ କହିଥିଲେ। ତେବେ ଛାତ୍ର ଓ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ମଧ୍ୟରେ କୌଣସି କଥାରେ ତାଳ ମେଳ ରହୁ ନ ଥିବା ଜଣାପଡିଛି। ସେହିପରି ଛାତ୍ରାବାସରେ ଆଜି ଆମିଷ ରୋଷେଇ ହୋଇଥିବାରୁ କୁକୁର ଓ ଅନ୍ୟ ପ୍ରାଣୀମାନେ ଭିତରକୁ ଆସିଯାଇଥିବା ଶିକ୍ଷକ କିଶୋର ସିଂ କହିଛନ୍ତି। ଏନେଇ କନ୍ଧମାଳ ଜିଲା ଶିକ୍ଷାଧିକାରୀ ରାଜେଶ ସ୍ୱାଇଁଙ୍କ କହିଛନ୍ତି ଯେ, ସେ ଏବେ ଶୁଣିଲେ ଉକ୍ତ ବିଦ୍ୟାଳୟରେ ଛାତ୍ରାବାସ ଚଳାଇବାକୁ ସେ ଅନୁମତି ଦେଇଛନ୍ତି କି ନାହିଁ ତାର ଯାଞ୍ଚ କରାଯିବ। ପରେ ଆବଶ୍ୟକ ଆଇନଗତ ପଦକ୍ଷେପ ନେବି ବୋଲି ସେ କହିଛନ୍ତି।

## ଅନୁମତି ନ ଥାଇ ଚାଲିଛି ସରକାରୀ ଗୃହରେ ହଷ୍ଟେଲ


ଜଙ୍ଗଲରେ ଛାତ୍ରୀଛାତ୍ର ଚାଲିଚାଲି ଯାଉଛନ୍ତି।

